## ସଂକ୍ଷେପରେ

### ହଜିବାକୁ ବସିଲାଣି ନାଲି ଟୁକୁଟୁକୁ ସାଧବବୋହୂ



ବିଷମକଟକ,୧୧।୬
(ପ୍ରସନ୍ନ କୁମାର ପଣ୍ଡା)

ବର୍ଷା ଋତୁର ଆଗମନରେ ଧରଣୀ ରାଣୀ ସଜାଇ ହେବାକୁ ଲାଗେ। ପ୍ରଣୀ ଓ ଉଦ୍ଭିଦ ଜଗତ ନୂଆ ଜୀବନ ପାଇଲା ଭଳି ଅନୁଭବ କରନ୍ତି। ବର୍ଷା ଯୋଗୁ ମାଟିର ବାସ୍ନା ମହକି ଉଠେ। ପଡିଆ ଭୂମି କ୍ରମଶଃ ସବୁଜ ଦେଖାଦିଏ। ମୌସୁମୀ ବାୟୁ ସମସ୍ତଙ୍କ ଦେହ ଓ ମନରେ ପୁଲକ ଆଣିଥାଏ। ବର୍ଷାର ପ୍ରଥମ ଅସରା ଯେତେବେଳେ ଧରାପୃଷ୍ଠକୁ ସ୍ପର୍ଶ କରେ ସେତେବେଳେ ନିଜର ସୁନ୍ଦର ରୂପରେ ସମସ୍ତଙ୍କ ମନ ମୋହି ନିଅନ୍ତି ନାଲି ଟୁକୁଟୁକୁ ସାଧବବୋହୂ। ଏହାର ମନ ମତାଣିଆ ରଙ୍ଗ ଏବଂ ଥିରି ଥିରି ଚାଲି ସମସ୍ତଙ୍କର ମନକୁ କିଣିନିଏ। ତେବେ ସାଧବବୋହୂକୁ ସୁଖ ଓ ସମୃଦ୍ଧିର ବାର୍ତ୍ତାବହ ବୋଲି ବିଶ୍ୱାସ କରନ୍ତି ଚାଷୀକୂଳ। କେତେକ ସ୍ଥାନରେ ଏହାକୁ ପୂଜା କରିବାର ପରମ୍ପରା ମଧ୍ୟ ରହିଛି। ହେଲେ ଏହି ସୁନ୍ଦର ପ୍ରାଣୀ ଏବେ ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି। ତେଣୁ ଏହାକୁ ବଞ୍ଚାଇ ରଖିବା ଆମର କର୍ତ୍ତବ୍ୟ। ପରିବେଶ ସୁସ୍ଥ ରହିଲେ ଏମାନେ ଧରା ପୃଷ୍ଠରେ ତିଷ୍ଠି ରହିବେ ନ ହେଲେ ଦିନେ ଇତିହାସ ହୋଇ ରହିଯିବେ। ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରାର କିଛି ଦିନ ପୂର୍ବରୁ ଏହି ସାଧବବୋହୂ ଘାସ ପଡ଼ିଆ, ଜମିରେ ବାହାରି ଆସି ରଥଯାତ୍ରାର ସୂଚନା ଦେଇଥନ୍ତି ବୋଲି ଶିକ୍ଷକ ବାଳକୃଷ୍ଣ ରାଜୁ କହିଛନ୍ତି।

### ସାପ କାମୁଡ଼ାରେ ଯୁବକ ମୃତ

ଡାବୁଗାଁ, ୧୧।୬ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ସିଂସାରି ଫାଣ୍ଡି ଅଧୀନ ସିନ୍ଧିଗାଁ ଗ୍ରାମରେ ବିଷାକ୍ତ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ହେଲେ ଗାଁର ଧନିରାମ ଭତ୍ରା (୩୯)। ସୂଚନାନୁଯାୟୀ, ଡାବୁଗାଁ ଥାନା ସିଂସାରି ଫାଣ୍ଡି ଅଧୀନ ସିନ୍ଧିଗାଁ ଗ୍ରାମର ବୀରବଲ ଭତ୍ରାଙ୍କ ପରିବାର ଲୋକେ ସୋମବାର ରାତିରେ ଖାଇ ପି ଶୋଇଥିଲେ। ରାତି ପ୍ରାୟ ୨ଟାରେ ଧନିରାମଙ୍କ ଡାହାଣ ହାତର କହୁଣିକୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। କାଟିବାରୁ ଧନିରାମ ପାଟି କରିଥିଲେ। ପାଟି ଶୁଣି ପରିବାର ଲୋକେ ଉଠିବା ସହ ଘର ଭିତରେ ଏକ ବିଷାକ୍ତ ସାପକୁ ଦେଖିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାରକରି ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରଯାଇଥିଲା। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଧନିରାମଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମାମୁ ପୁଅ ଗୁରୁବାରୁ ଭତ୍ରା ଡାବୁଗାଁ ଥାନାରେ ଏତଲା ଦେଇଥିଲେ।

# ନିୟମିତ ଦରମା ଦାବିରେ ବିଦ୍ୟୁତ୍ କର୍ମଚାରୀଙ୍କ ଧାରଣା

ରାୟଗଡ଼ା,୧୧।୬
(ଆଶିଷ ରଞ୍ଜନ ପଣ୍ଡା)



ଧାରଣାରେ ବସିଥିବା ବିଦ୍ୟୁତ୍ କର୍ମଚାରୀମାନେ।

ନିୟମିତ ଦରମା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଦାବିରେ ଟାଟା ପାୱାର ଅଧୀନ ଜିଭି ଇଲେକ୍ଟ୍ରିକାଲ୍ସ ସଂସ୍ଥାରେ କାର୍ଯ୍ୟରତ ବିଦ୍ୟୁତ୍ କର୍ମଚାରୀମାନେ ମଙ୍ଗଳବାର କସ୍ତୁରିନଗରସ୍ଥିତ କାର୍ଯ୍ୟାଳୟଠାରେ ଧାରଣା ଦେଇଛନ୍ତି। ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ରାୟଗଡ଼ା ଡିଭିଜନାଲ ସମ୍ପାଦକ ବସନ୍ତ କୁମାର ସେନାପତିଙ୍କ ନେତୃତ୍ୱରେ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଧାରଣାରେ ବସିଥିଲେ। ଏଥିସହ ସମ୍ପୃକ୍ତ ସଂସ୍ଥାର ଦାୟିତ୍ୱରେ ଥିବା କୋର୍ଡିନେଟରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଡିଭିଜନାଲ ସମ୍ପାଦକ ସେନାପତିଙ୍କ କହିବାନୁସାରେ, ଜିଭି ଇଲେକ୍ଟ୍ରିକାଲ୍ସ ପ୍ରତି ମାସ ୭ ତାରିଖରେ ନିୟମିତ ଦରମା ଦେବା ବଦଳରେ ବହୁ ବିଳମ୍ବରେ ଦରମା ପ୍ରଦାନ କରୁଛି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହାସହ ଓଭରଟାଇମ ଭତ୍ତା, ଆଇଡି କାର୍ଡ, ପେଟ୍ରୋଲ ଭତ୍ତା ବୃଦ୍ଧି, ୮ଘଣ୍ଟା ଡ୍ୟୁଟି ଏବଂ ପିପିଇ କିଟ୍ ପ୍ରଦାନ କରିବାକୁ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ସଂଘ ଦାବି କରିଛି। ଏ ନେଇ ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ସାହୁଙ୍କୁ ପଚାରିବାରୁ ଜିଭି ଇଲେକ୍ଟ୍ରିକାଲ୍ସ ସହ ଆଲୋଚନାକରି ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି।

# ବଜ୍ରପାତରେ ଯୁବକ ମୃତ, ଜଣେ ଗୁରୁତର

ରାୟଗଡ଼ା,୧୧।୬
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ସାନଚାନ୍ଦିଲି ଗ୍ରାମରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଆହତ ହୋଇଥିବା ଜଣାପଡ଼ିଛି । ମୃତକ ଜଣକ ହେଲେ ଦାସନା ସାରକାଙ୍କ ପୁଅ କ୍ରିଷ୍ଣା ସାରକା (୩୨)। ଆହତ ଜଣକଙ୍କ ନାମ ଜଣାପଡ଼ିନାହିଁ । ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟା ସମୟରେ ପ୍ରବଳ ଘଡ଼ଘଡ଼ି ଓ ବିଜୁଳି ମାରିବା ସହ ବର୍ଷା ହୋଇଥିଲା। ଏହି ସମୟରେ କ୍ରିଷ୍ଣା ଓ ଅନ୍ୟ ଜଣେ ଯୁବକ ଏକ ବରଗଛ ମୂଳରେ ଆଶ୍ରୟ ନେଇଥିଲେ। ଏହି ସମୟରେ ଘଡ଼ଘଡ଼ି ମାରିବାରୁ ଉଭୟେ ଦୌଡ଼ି ପଳାଇବା ପାଇଁ ଚେଷ୍ଟା କରିବା ସମୟରେ କ୍ରିଷ୍ଣା ବଜ୍ରପାତର ଶିକାର ହୋଇଥିଲେ । ଖବରପାଇ ପରିବାରବର୍ଗଙ୍କ ପକ୍ଷରୁ କ୍ରିଷ୍ଣାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଘଟଣାକୁ ନେଇ ସାନଚାନ୍ଦିଲି ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଖାର୍ଗେଙ୍କଠୁ ଆଶୀର୍ବାଦ ନେଲେ ସପ୍ତଗିରି

ରାୟଗଡ଼ା,୧୧।୬(ଆଶିଷ ରଞ୍ଜନ ପଣ୍ଡା)

ସାଧାରଣ ନିର୍ବାଚନରେ ଓଡ଼ିଶାରୁ ପୁଣି ଥରେ କଂଗ୍ରେସର ଏକମାତ୍ର ଏମ୍‌ପି ଭାବେ ସପ୍ତଗିରି ଶଙ୍କର ଉଲାକା ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପରେ ସପ୍ତଗିରି ବୁଧବାର ଏଆଇସିସି ସଭାପତି ମଲିକାର୍ଜୁନ ଖାର୍ଗେଙ୍କୁ ଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଭେଟି ଆଶୀର୍ବାଦ ନେଇଛନ୍ତି। ଓଡ଼ିଶାରୁ ଏକମାତ୍ର ଦଳୀୟ ଏମ୍‌ପି ହେବା ସହିତ କୋରାପୁଟ ଲୋକ ସଭା କ୍ଷେତ୍ରର ୬ଟି ବିଧାନସଭା ଆସନରେ କଂଗ୍ରେସକୁ ବିଜୟୀ କରାଇଥିବାରୁ ଖାର୍ଗେ ସପ୍ତଗିରିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ ଓଡ଼ିଶାର ବିକାଶ ପାଇଁ ସପ୍ତଗିରିଙ୍କୁ କାର୍ଯ୍ୟ କରିବାକୁ ତଥା ଓଡ଼ିଶାରେ କଂଗ୍ରେସକୁ ସୁଦୃଢ଼ କରିବା ପାଇଁ ଖାର୍ଗେ ଗୁରୁମନ୍ତ୍ର ଦେଇଛନ୍ତି। ଆଗାମୀ ଦିନରେ କଂଗ୍ରେସ ଓଡ଼ିଶାରେ କିଭଳି ଅଧିକ ଏମ୍‌ପି ଆସନ ସହ ରାଜ୍ୟ ସରକାର ଗଠନ କରିବାରେ ସଫଳ ହେବ ସେ ନେଇ ସପ୍ତଗିରି ଆଲୋଚନା କରିଥିବା ସୂଚନା ମିଳିଛି। ସେହିଭଳି ଓଡ଼ିଶାକୁ କେନ୍ଦ୍ର ସରକାର କିଭଳି ବିଶେଷ ପ୍ରାଧାନ୍ୟ ଦେବା ସହିତ ଏହାର ବିକାଶ କ୍ଷେତ୍ରରେ ଅନ୍ୟ ରାଜ୍ୟଠାରୁ ଅଧିକ ସହଯୋଗ କରିବ ଏବଂ ଓଡ଼ିଶା ଐତିହାସିକସ୍ଥଳ ସୁରକ୍ଷା ଓ ବାତ୍ୟା ମୁକାବିଲା ପାଇଁ ସହଯୋଗ କରିବ ସେ ନେଇ ସଂସଦରେ ପ୍ରଶ୍ନ ଉଠାଇବେ ବୋଲି ସୋସିଆଲ ମିଡ଼ିଆ ଏକ୍ସରେ ସପ୍ତଗିରି ପୋଷ୍ଟ କରିଛନ୍ତି।


ସପ୍ତଗିରି ଉଲାକା ଏଆଇସିସି ସଭାପତି ମଲିକାର୍ଜୁନ ଖାର୍ଗେଙ୍କୁ ଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଭେଟି ଆଲୋଚନା କରୁଛନ୍ତି।

# ମାତା ପାର୍ବତୀଙ୍କ ହାତ ଧରିଲେ ବାବା ଚନ୍ଦ୍ରଶେଖର


ମନ୍ଦିରରେ ଶିବ ପାର୍ବତୀଙ୍କ ବିବାହ ନୀତି ଚାଲିଛି।

ଗୁଣୁପର,୧୧।୬(ପ୍ରଦୀପ କୁମାର ପାଢ଼ୀ)

### ବାଘୁଆ ଦେଉଳରେ ଶୀତଳଷଷ୍ଠୀ

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ବାଘୁଆ ଦେଉଳଠାରେ ସୋମବାର ପୂଜା କମିଟି ପକ୍ଷରୁ ଶୀତଳଷଷ୍ଠୀ ଆୟୋଜିତ ହୋଇଯାଇଛି। ରୀତିନୀତି ଅନୁଯାୟୀ ଶିବ ପାର୍ବତୀ ବିବାହ ଓ ସଙ୍କଳ୍ପ ବ୍ରତଧାରଣ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପାରମ୍ପରିକ ଭାବେ ମନ୍ଦିର କମିଟି ସମସ୍ତ କାର୍ଯ୍ୟକ୍ରମ ତୁଲାଇଥିଲେ । ଶୀତଳଷଷ୍ଠୀ ମହା ସମାବେଶରେ ଭୋଳା ବାବା ଚନ୍ଦ୍ରଶେଖରଙ୍କ ପକ୍ଷରୁ ପିତା ଶ୍ରୀନିବାସ ସାହୁକାର ଓ ମାତା ଜୟଲକ୍ଷ୍ମୀ ସାହୁକାର ଏବଂ ମାତା ପାର୍ବତୀଙ୍କ ପକ୍ଷରୁ ପିତା ବିଶ୍ୱରଞ୍ଜନ ସାହୁ ଓ ମାତା ଅଙ୍କିତା ରାୟ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ବାବା ଚନ୍ଦ୍ରଶେଖର ଓ ମାତା ପାର୍ବତୀ ଦେବୀଙ୍କ ସମେତ ପାର୍ଶ୍ୱ ଦେବଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଏଥିପାଇଁ ଏକ ଭବ୍ୟ ଶୋଭାଯାତ୍ରା ମନ୍ଦିର ନିକଟରୁ ବାହାରି ବ୍ରାହ୍ମଣସାହି, ବେବର୍ତ୍ତାସାହି, ମାଠିଆସାହି, ଗୌଡ଼ସାହି, କଟିକା ସାହି ଛକ ଓ ପୁରୁଣା ବସ୍‌ଷ୍ଟାଣ୍ଡ ଦେଇ ପୁଣି ମନ୍ଦିର ନିକଟକୁ ଫେରିଥିଲେ। ମନ୍ଦିର କମିଟି ସଭାପତି ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ଉପାଧ୍ୟକ୍ଷ ଟୁକୁନା ରଥ, ସମ୍ପାଦକ ଅନୀଲ ଶତପଥୀ, କୋଷାଧ୍ୟକ୍ଷ ଅନିକେତ ରାଓ, ରଜତ ପାଣିଗ୍ରାହୀ, କୃଷ୍ଣ ମିଶ୍ର, ନୀଳମାଧବ ପାଢ଼ୀ, ସିଲୁ ଶତପଥୀ, ଉମା ଦାସ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମରେ ସାମିଲ ରହିଥିଲେ। ମନ୍ଦିର ପୂଜକଙ୍କ ଦ୍ୱାରା ଦେବନୀତି ପୂଜାର୍ଚ୍ଚନା କାର୍ଯ୍ୟ ସମାପନ ପରେ ପଣ୍ଡିତଙ୍କ ଦ୍ୱାରା କମିଟି ସଦସ୍ୟ ସଙ୍କଳ୍ପଧାରୀ ଓ କନ୍ୟାପକ୍ଷ ଭକ୍ତ ମଣ୍ଡଳୀଙ୍କୁ ସଙ୍କଳ୍ପ ଷଷ୍ଠୀବ୍ରତ ଧାରଣ କରାଯାଇଥିଲା। କନ୍ୟାପିତା ବିଶ୍ୱ ସାହୁ ଓ କନ୍ୟା ମାତା ଅଙ୍କିତାଙ୍କ ସମେତ କନ୍ୟାପକ୍ଷ ନଗରବାସୀ ଓ କମିଟି କର୍ମକର୍ତ୍ତା ଦେବଦେବୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ପୂଜକ ଭାବେ ବ୍ରହ୍ମା ଗୁପ୍ତେଶ୍ୱର ରଥଶର୍ମା, ସୁଦାମ ରଥ ଶର୍ମା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ମନ୍ଦିରର ପୂଜକ ଟୁକୁ ପ୍ରଧାନୀ, କୁକୁ ପ୍ରଧାନୀ, ସୁରେଶ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ ।

# ନିଶା ପାଇଁ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ

ପାପଡ଼ାହାଣ୍ଡି,୧୧।୬
(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଜଟାବାଲ ପଞ୍ଚାୟତ ଜାମ୍ବଗୁଡ଼ାରେ ମଦ ପାଇଁ ଜଣେ ଯୁବକ ଅନ୍ୟ ଜଣେ ଯୁବକଙ୍କ ବେକ କାଟିଥିବା ଅଭିଯୋଗ ହୋଇଛି। ଗୁରୁତର ଯୁବକଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେ ହେଲେ ଜାମ୍ବଗୁଡ଼ା ଗ୍ରାମର ଗଙ୍ଗାଧର ଯାନୀ। ସୂଚନାନୁଯାୟୀ ଡାବୁଗାଁ ଥାନା ଅଧୀନ ଜାମ୍ବଗୁଡ଼ା ଗ୍ରାମର ଗଙ୍ଗାଧର ଯାନୀ ମଙ୍ଗଳବାର ସନ୍ଧ୍ୟାରେ ଠାକୁରାଣୀ ଯାତ୍ରା ଦେଖିବାକୁ ଡୁମାଗୁଡ଼ି ପାଖବକୁ ଯାଇଥିଲେ। ରାତି ପ୍ରାୟ ୮ଟାରେ ଘରକୁ ଫେରିବା ସମୟରେ ଡୁମାଗୁଡ଼ି ନିକଟରେ ଗ୍ରାମର ନବୀନ ଗୌଡ଼ ଗଙ୍ଗାଧରଙ୍କୁ ଅଟକାଇ ଥିଲେ। ନବୀନ ତାଙ୍କୁ ମଦ ଦେବାକୁ ବାଧ୍ୟ କରିଥିଲେ। ଏଥିରେ ଗଙ୍ଗାଧର ରାଜି ହୋଇଥିଲେ। ତଥାପି ମଧ୍ୟ ନବୀନ ଏକ ଧାରୁଆ ଅସ୍ତ୍ରରେ ଗଙ୍ଗାଧରଙ୍କ ବେକ କାଟିଦେଇଥିଲେ। ନିଜ ଜୀବନ ବଞ୍ଚାଇବାକୁ ଗଙ୍ଗାଧର ଘଟଣାସ୍ଥଳରୁ ଦୌଡ଼ି ଦୌଡ଼ି ନିଜ ଘରେ ପହଞ୍ଚି ଥିଲେ। ସେ ସେଠାରେ ଅଚେତ ହୋଇ ପଡ଼ିଥିଲେ। ପରିବାର ଲୋକ ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଏକ ଗାଡ଼ିରେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଗଙ୍ଗାଧର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡା. ମନସ୍ୱିତା ମହାନ୍ତି ସୂଚନା ଦେଇଛନ୍ତି। ଖବର ଲେଖାଯିବା ସୁଦ୍ଧା ଡାବୁଗାଁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ବେକ କାଟିଲେ ଯୁବକ


ଗୁରୁତର ଗଙ୍ଗାଧରଙ୍କ ଚିକିତ୍ସା ଚାଲିଛି ।

# ଜଣେ ଅଭିଯୁକ୍ତଙ୍କୁ ଗିରଫ କଲା କ୍ରାଇମ୍‌ବ୍ରାଞ୍ଚ

ଜୟପୁର, ୧୧।୬(ପବନ ପାଣିଗ୍ରାହୀ)

### ଜାଲ୍ ସାର୍ଟିଫିକେଟ ଦେଇ ଡାକ ବିଭାଗରେ ନିଯୁକ୍ତି ମାମଲା

ଜାଲ୍ ସାର୍ଟିଫିକେଟ ଦେଇ ଗ୍ରାମୀଣ ଡାକ ସେବକବ୍ରାଞ୍ଚ ପୋଷ୍ଟମାଷ୍ଟର, ଆସିଷ୍ଟାଣ୍ଟ ବ୍ରାଞ୍ଚ ପୋଷ୍ଟ ମାଷ୍ଟର ପଦବୀ ଚାକିରି ମାମଲାରେ କ୍ରାଇମବ୍ରାଞ୍ଚ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ କୋରାପୁଟ ସଦର ଥାନା ଅଧୀନ ବିଲାଇସିଲ ଗ୍ରାମର ରିଙ୍କି ବିଷୋୟି (୨୫)। ଏହି ମାମଲାରେ ପୂର୍ବରୁ ୬ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ପୋଲିସ ସୂଚନାନୁଯାୟୀ ଗିରଫ ଅଭିଯୁକ୍ତମାନେ ଗ୍ରାମୀଣ ଡାକ ସେବକ ବ୍ରାଞ୍ଚ ପୋଷ୍ଟର ଆସିଷ୍ଟାଣ୍ଟ ବ୍ରାଞ୍ଚ ପୋଷ୍ଟମାଷ୍ଟର ପଦବୀରେ ଜାଲ୍ ସାର୍ଟିଫିକେଟ ଦେଇ ଆବେଦନ କରିଥିଲେ। ଚୟନ ପରେ ସାର୍ଟିଫିକେଟ ଯାଞ୍ଚ ବେଳେ ଏହା ଜଣା ପଡ଼ିବାରୁ ଡାକ ବିଭାଗ ପକ୍ଷରୁ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ୧୦୮/୨୩ ଓ କ୍ରାଇମବ୍ରାଞ୍ଚ ୧୧/୨୩ରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଉତ୍ତର ପ୍ରଦେଶ ରାଜ୍ୟ ସାର୍ଟିଫିକେଟ ଦେଇଥିଲେ। ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଗିରଫକରି କୋର୍ଟ ଚାଲାଣ କରିଥିବା ଟାଉନ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଦୁର୍ଘଟଣା ରୋକିବାକୁ ଗାଡ଼ି ଯାଞ୍ଚ

ଟିକିରି,୧୧।୬(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରି ଅଞ୍ଚଳରେ ଦିନକୁଦିନ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଅଞ୍ଚଳରେ ଦୁର୍ଘଟଣା ରୋକିବା ପାଇଁ ଟିକିରି ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ଟିକିରି ଥାନା ଆଇଆଇସି ବିଶ୍ୱବନ୍ଦିନୀ ବାଗଙ୍କ ନେତୃତ୍ୱରେ ତୋଟାଗୁଡା ଛକ, ଷୋରିସପଦର ଛକ, ହାଟପଦାଠାରେ ଗାଡି ଅଟକାଇ ଯାଞ୍ଚ କରାଯାଇଛି। ଯାଞ୍ଚ ସମୟର ଗାଡି କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ, ଓଭରସ୍ପିଡ, ମଦ୍ୟପାନ କରି ଗାଡି ଚଳାଇବା ,୧୮ ବର୍ଷରୁ କମ୍ ପିଲା ଗାଡି ଚଳେଇବା, ହେଲମେଟ ଆଦି ଚେକିଂ କରାଯାଇ ଜରିମାନା ଆଦାୟ କରାଯାଉଛି। ମୋଟର ଯାନ ନିୟମ ଅନୁଯାୟୀ, ଫାଇନ ପକାଯାଉଛି। ଆଗକୁ ଏପରି ଚେକିଂ ଜାରି ରହିବ ବୋଲି ଟିକିରି ଆଇଆଇସି ବିଶ୍ୱବନ୍ଦିନୀ ବାଗ କହିଛନ୍ତି।


ଟିକିରି ପୋଲିସ ଗାଡି ଅଟକାଇ ଯାଞ୍ଚ କରୁଛି।


ରାୟଗଡ଼ା ଜିଲା ଚନ୍ଦ୍ରପୁରସ୍ଥିତ ମିନାଝୋଲା ତ୍ରିବେଣୀ ସଙ୍ଗମ ଶୈବପୀଠରେ ଶୀତଳ ଷଷ୍ଠୀ ଅବସରରେ ଦେବଦମ୍ପତି ଶିବ ପାର୍ବତୀଙ୍କ ବିବାହ ନୀତି ସମ୍ପନ୍ନ କରାଯାଉଛି। (ଫଟୋ– ପ୍ରମୋଦ ପତି)

# ଗଇଲକଣାରେ ନିୟନ୍ତ୍ରଣ ହେଲା ଝାଡ଼ାବାନ୍ତି

### ଗାଁରେ ସପ୍ତାହେ ରହିବେ ଡାକ୍ତରୀ ଟିମ୍

ବିଷମକଟକ, ୧୧।୬(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ଡାଲିଆକୁଜି ପଞ୍ଚାୟତର ଗଇଲକଣା ଗ୍ରାମରେ ବ୍ୟାପିଥିବା ଝାଡାବାନ୍ତି ନିୟନ୍ତ୍ରଣ ହୋଇଛି। ଏବେ ଆଉ କେହି ନୂଆ ରୋଗୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇନ ଥିବା ବିଷମକଟକ ସରକାରୀ ମେଡିକାଲର ବିପିଏମ ପ୍ରଭାକର ଧଳ ସୂଚନା ଦେଇଛନ୍ତି। ସୋମବାର ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଜଣଙ୍କ ଚିକିତ୍ସାଧୀନ ଅବସ୍ଥାରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଥିଲା। ତେବେ ୭ ଜଣ ଆକ୍ରାନ୍ତ ହୋଇ ବିଷମକଟକ ଖ୍ରୀଷ୍ଟିଆନ ମେଡିକାଲ ଓ ମୁନିଗୁଡା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ୨ ଦିନ ହେଲା ବ୍ଲକ ପ୍ରଶାସନ, ପାନୀୟ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ଓ ବିଷମକଟକ ମେଡିକାଲ ଡାକ୍ତର ଓ କର୍ମଚାରୀମାନେ ଗାଁରେ ରହି ସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କୁ ଔଷଧ ଓ ଓଆରଏସ୍ ବଣ୍ଟନ କରିଛନ୍ତି। ଡାକ୍ତରୀ ଟିମ୍ ସପ୍ତାହେ ପର୍ଯ୍ୟନ୍ତ ସେହିଗ୍ରାମରେ ରହିପରିସ୍ଥିତି ଉପରେ ନଜର ରଖିବେ ବୋଲି ସରକାରୀ ମେଡିକାଲର ବିପିଏମ ଧଳ ସୂଚନା ଦେଇଛନ୍ତି।


ଗଇଲକଣା ଗ୍ରାମରେ ଡାକ୍ତରୀ ଟିମ୍ ଗ୍ରାମବାସୀଙ୍କୁ ସଚେତନ କରୁଛନ୍ତି।

# ୩୦,୯୨୫ କୁଇଣ୍ଟାଲ ଧାନକିଣା ଲକ୍ଷ୍ୟ


ନବରଙ୍ଗପୁରରେ ରବି ଧାନମଣ୍ଡି ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥିମାନେ।

ନବରଙ୍ଗପୁର,୧୧।୬
(ସଦାଶିବ ପ୍ରହରାଜ)

**ରବି ଧାନମଣ୍ଡି ଉଦ୍‌ଘାଟିତ**

- ନାମ ପଞ୍ଜୀକରଣ କରିଛନ୍ତି ୪୧୨ ଚାଷୀ
- ସାଧାରଣ ଧାନ କୁଇଣ୍ଟାଲ ପିଛା ୨୧୮୩ ଟଙ୍କା ଓ ଏ ଗ୍ରେଡ୍ ଧାନ ୨୨୦୩ ଟଙ୍କା

ନବରଙ୍ଗପୁର ଆର୍‌ଏମ୍‌ସି ପରିସରରେ ରବି ଧାନମଣ୍ଡିକୁ ଜିଲାପାଳ କମଳ ଲୋଚନ ମିଶ୍ର ଉଦ୍‌ଘାଟନ କରିଛନ୍ତି। ଅତିଥି ଭାବେ ଜିଲା ଯୋଗାଣ ଅଧିକାରୀ ଅଜୟ ମଲ୍ଲିକ, ଏସିଏସ୍‌ଓ ବିଷ୍ଣୁପ୍ରସାଦ ପ୍ରଧାନ, ଏଆର୍‌ସି ଏସ୍.ସି. ଶଙ୍କର ପ୍ରଧାନ, ଚାଷୀ ଝାଡ଼େଶ୍ୱର ଖାଡ଼ଙ୍ଗା, ଆର୍‌ଆର୍‌ଏମ୍‌ସି ନିର୍ଦ୍ଦେଶକ ସରୋଜ ପାତ୍ର, ଆଶିଷ ରଞ୍ଜନ ପଟ୍ଟନାୟକ, ଏ.ମୋହନ ରାଓ, ମିଲ ମାଲିକ ସଂଘ ସଭାପତି ପ୍ରଦୀପ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଚଳିତ ରବି ଧାନମଣ୍ଡିରେ ୩୦ ହଜାର ୯୨୫ କୁଇଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟ ରଖାଯାଇଛି।

ରବି ମଣ୍ଡିରେ ଧାନ ବିକ୍ରି ନେଇ ୪୧୨ ଚାଷୀ ପଞ୍ଜୀକୃତ କରିଛନ୍ତି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ମଣ୍ଡି ଚାଲିବ। ତେବେ ଜିଲାରେ ୫ ଟି ସ୍ଥାନରେ ମଣ୍ଡି କରାଯାଇଛି। ସାଧାରଣ ଧାନ କୁଇଣ୍ଟାଲ ପିଛା ୨୧୮୩ ଟଙ୍କା ଓ ଏ ଗ୍ରେଡ୍ ଧାନ କୁଇଣ୍ଟାଲ ପିଛା ୨୨୦୩ ଟଙ୍କା ରହିଛି। ମଣ୍ଡିରେ ଚାଷୀଙ୍କ ଧାନର ଗୁଣ, ମାନ ଓ ଆର୍ଦ୍ରତା ଯାଞ୍ଚ ହେବ। ଏନେଇ ଚାଷୀ ମଣ୍ଡିକୁ ଧାନ ଆଣି ଏଥିରେ ସହଯୋଗ କରିବା ପାଇଁ ଉପସ୍ଥିତ ଅତିଥି ନିବେଦନ କରିଥିଲେ। ମଣ୍ଡିକୁ ଏଫ୍‌ଏକ୍ୟୁ ଧାନ ଆଣିବାକୁ ଚାଷୀଙ୍କୁ ମିଲ୍ ମାଲିକ ସଂଘ ସଭାପତି ଅନୁରୋଧ କରିଥିଲେ।

ନବରଙ୍ଗପୁର ଆର୍‌ଏମ୍‌ସିରେ ନବରଙ୍ଗପୁର ଲ୍ୟାମ୍ପ୍‌ସ ୧୧୫ଜଣ ଚାଷୀଙ୍କ ଠାରୁ ୮୬୩୨ କୁଇଣ୍ଟାଲ ଧାନ କିଣିବ। ଉମରକୋଟ ନିୟନ୍ତ୍ରିତ ବଜାର କମିଟି ପରିସରରେ ଉମରକୋଟ ଲ୍ୟାମ୍ପ୍‌ସ ୧୯ ଚାଷୀଙ୍କଠାରୁ ୧ ହଜାର ୪୨୬, ନନ୍ଦାହାଣ୍ଡି ବ୍ଲକ୍ ସରୁଗୁଡ଼ାରେ ମହାଲକ୍ଷ୍ମୀ ଏସ୍‌ଏଚ୍‌ଜି ୧୩୯ ଚାଷୀଙ୍କଠାରୁ ୧୦ ହଜାର ୪୩୩, କୋଷାଗୁମୁଡ଼ା ବ୍ଲକ ବଡ଼ଆମ୍ବଡାରେ ମା' ମଙ୍ଗଳା ପାଣି ପଞ୍ଚାୟତ ୧୧୬ ଚାଷୀଙ୍କଠାରୁ ୮ ହଜାର ୭୦୭ କୁଇଣ୍ଟାଲ ଧାନ କିଣିବେ। ଜଳବିଭାଜିକା ପରିଚାଳନା ସଂଘ ସାଉଁନିଗୁଡ଼ାରେ ୨୩ଜଣ ଚାଷୀଙ୍କଠାରୁ ୧ ହଜାର ୭୨୬ କୁଇଣ୍ଟାଲ ଧାନ କିଣିବ ବୋଲି ଜଣାପଡ଼ିଛି। ଆର୍‌ଏମ୍‌ସି ସମ୍ପାଦକ କପିଳେନ୍ଦ୍ର ସାସମାଲ ମଞ୍ଚ ପରିଚାଳନା କରିଥିଲେ। ବୈଠକରେ ଚାଷୀ ଓ ମିଲ୍ ମାଲିକ ଉପସ୍ଥିତ ଥିଲେ। ଆର୍‌ଏମ୍‌ସି କାର୍ଯ୍ୟାଳୟର କର୍ମଚାରୀ ଓ ଜିଲା ଯୋଗାଣ ବିଭାଗର କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

## ନନ୍ଦାହାଣ୍ଡିରେ ନାମ ପଞ୍ଜୀକରଣ କରିଛନ୍ତି ୧୨୬ ଚାଷୀ

ନନ୍ଦାହାଣ୍ଡି, (ପ୍ରଦୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଧାନମଣ୍ଡି ପରିଚାଳନା ପାଇଁ ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯାଇଛି। ସରୁଗୁଡ଼ାସ୍ଥିତ ଉପବଜାର ପ୍ରାଙ୍ଗଣରେ ଉଦ୍‌ଘାଟିତ ଧାନମଣ୍ଡିରେ ନବରଙ୍ଗପୁର ଆର୍‌ଏମ୍‌ସି କର୍ମଚାରୀଙ୍କ ସହ ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ଗୁର ଅମନାତ୍ୟ, ସମ୍ପାଦିକା ପାର୍ବତୀ ସୌରା ଓ ସଭ୍ୟାମାନେ ଉପସ୍ଥିତ ଥିଲେ। ରବି ଫସଲ ପାଇଁ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ରହିଛି। ସମସ୍ତ ଚାଷୀ କିଭଳି ସୁବିଧାରେ ଧାନ ବିକ୍ରି କରିପାରିବେ ସେ ସୁବିଧା କରାଯିବ ବୋଲି ସଭାପତି ଗୁର ଅମନାତ୍ୟ ପ୍ରକାଶ କରିଛନ୍ତି। ମଣ୍ଡିରେ ଧାନ ବିକିବାକୁ ଚଳିତ ବର୍ଷ ୧୨୬ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ଠାରୁ ପ୍ରାୟ ୭ହଜାର କୁଇଣ୍ଟାଲ ଧାନ କିଣାଯିବା ଲକ୍ଷ୍ୟ ରହିଛି ବୋଲି ସଭାପତି ଗୁର ଅମନାତ୍ୟ କହିଛନ୍ତି।


ଧାନ ମଣ୍ଡି ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅଧିକାରୀ, ଚାଷୀ ଓ ଅନ୍ୟମାନେ।

# ଜଣେ ଅଭିଯୁକ୍ତଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

ଜୟପୁର, ୧୧।୬(ପବନ ପାଣିଗ୍ରାହୀ)

**ଜାଲ୍ ସାର୍ଟିଫିକେଟ ଦେଇ ଡାକ ବିଭାଗରେ ନିଯୁକ୍ତି ମାମଲା**

ଜାଲ୍ ସାର୍ଟିଫିକେଟ ଦେଇ ଗ୍ରାମୀଣ ଡାକ ସେବକ ବ୍ରାଞ୍ଚ ପୋଷ୍ଟ ମାଷ୍ଟର, ଆସିଷ୍ଟାଣ୍ଟ ବ୍ରାଞ୍ଚ ପୋଷ୍ଟ ମାଷ୍ଟର ପଦବୀ ଚାକିରି ମାମଲାରେ କ୍ରାଇମବ୍ରାଞ୍ଚ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ କୋରାପୁଟ ସଦର ଥାନା ଅଧୀନ ବିଲାଙ୍ଗସିଲ ଗ୍ରାମର ରିଙ୍କି ବିଷୋୟି (୨୫)। ଏହି ମାମଲାରେ ପୂର୍ବରୁ ୬ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ପୋଲିସ ସୂଚନାନୁଯାୟୀ ଗିରଫ ଅଭିଯୁକ୍ତମାନେ ଗ୍ରାମୀଣ ଡାକ ସେବକ ବ୍ରାଞ୍ଚ ପୋଷ୍ଟର ଆସିଷ୍ଟାଣ୍ଟ ବ୍ରାଞ୍ଚ ପୋଷ୍ଟମାଷ୍ଟର ପଦବୀରେ ଜାଲ୍ ସାର୍ଟିଫିକେଟ ଦେଇ ଆବେଦନ କରିଥିଲେ। ଚୟନ ପରେ ସାର୍ଟିଫିକେଟ ଯାଞ୍ଚ ବେଳେ ଏହା ଜଣା ପଡ଼ିବାରୁ ଡାକ ବିଭାଗ ପକ୍ଷରୁ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ୧୦୮/୨୩ ଓ କ୍ରାଇମବ୍ରାଞ୍ଚ ୧୧/୨୩ରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଉତ୍ତର ପ୍ରଦେଶ ରାଜ୍ୟ ସାର୍ଟିଫିକେଟ ଦେଇଥିଲେ। ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଗିରଫକରି କୋର୍ଟ ଚାଲାଣ କରିଥିବା ଟାଉନ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ସାନତରଗିଆ ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର,୧୧।୬ (ପବନ ପାଣିଗ୍ରାହୀ)

ନବରଙ୍ଗପୁର ଏବଂ ଜୟପୁର ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ସାନତରଗିଆ ଜଙ୍ଗଲରେ ଚଢାଉ କରାଯାଇଛି। ଜଙ୍ଗଲ ଭିତରେ ଥିବା ଦେଶୀ ମଦ ଭାଟି ଭାଙ୍ଗି ୫ ହଜାର ୬ ଲିଟର ପୋଚ ଓ ୧୦୫୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛି। ଏଥିସହ ମଦ ରନ୍ଧା ସାମଗ୍ରୀ ଓ ଡ୍ରାମ ଜବତ କରାଯାଇଛି। ଚଢାଉରେ ଜୟପୁର ଡିଏସଇ ସ୍ୱାଗତିକା ମହାନ୍ତି, ନିରୀକ୍ଷକ ଶଶିକାନ୍ତ ଦତ୍ତ, କୋଟପାଡ ଓଆଇସି ତେଜସ୍ୱିନୀ ପ୍ରଧାନ, ଜୟପୁର ଓଆଇସି ନିଳାଦ୍ରି ବିହାରି ମିଶ୍ର, ବୋରିଗୁମ୍ମା ଏଏସଆଇ ମନୋଜ ପ୍ରଧାନ ପ୍ରମୁଖ ସାମିଲ ଥିଲେ।


ଜବତ ସାମଗ୍ରୀ ସହ ଅବକାରୀ କର୍ମଚାରୀ।

# ସାପ କାମୁଡ଼ାରେ ଯୁବକ ମୃତ

ଡାବୁଗାଁ, ୧୧।୬ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ସିଂସାରି ଫାଣ୍ଡି ଅଧୀନ ସିନ୍ଧିଗାଁ ଗ୍ରାମରେ ବିଷାକ୍ତ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ହେଲେ ଗାଁର ଧନିରାମ ଭତ୍ରା (୩୯)। ସୂଚନାନୁଯାୟୀ, ଡାବୁଗାଁ ଥାନା ସିଂସାରି ଫାଣ୍ଡି ଅଧୀନ ସିନ୍ଧିଗାଁ ଗ୍ରାମର ବୀରବଲ ଭତ୍ରାଙ୍କ ପରିବାର ଲୋକେ ସୋମବାର ରାତିରେ ଖାଇ ପି ଶୋଇଥିଲେ। ରାତି ପ୍ରାୟ ୨ଟାରେ ଧନିରାମଙ୍କ ଡାହାଣ ହାତର କହୁଣିକୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। କାଟିବାରୁ ଧନିରାମ ପାଟି କରିଥିଲେ। ପାଟି ଶୁଣି ପରିବାର ଲୋକେ ଉଠିବା ସହ ଘର ଭିତରେ ଏକ ବିଷାକ୍ତ ସାପକୁ ଦେଖିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାରକରି ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଧନିରାମଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମାମୁ ପୁଅ ଗୁରୁବାରୁ ଭତ୍ରା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ଥାନା ଏଏସ୍‌ଆଇ ଗୋପାଳକୃଷ୍ଣ ହାଲୱା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ୍ ନଂ ୨୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଧାରଣାଦେବାକୁ ଅବସରପ୍ରାପ୍ତ ଶ୍ରମିକଙ୍କ ଚେତାବନୀ

- ପ୍ରଶାସନର ଲିଖିତ ରିପୋର୍ଟକୁ ଅଗ୍ରାହ୍ୟ
- ଉପଜିଲାପାଳଙ୍କୁ ଦାବିପତ୍ର

ଜୟପୁର, ୧୧।୬(ପବନ ପାଣିଗ୍ରାହୀ)



ଦାବି ଜଣାଇବାକୁ ଆସିଥିବା ଅବସରପ୍ରାପ୍ତ କର୍ମଚାରୀ ଓ ଅନ୍ୟମାନେ ।

ସେବା କାଗଜକଳ ଅବସରପ୍ରାପ୍ତ ଶ୍ରମିକମାନେ ମଙ୍ଗଳବାର ଜୟପୁର ଉପଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଉପଜିଲାପାଳଙ୍କ ଅନୁପସ୍ଥିତିରେ ଅଫିସର ମୁଖ୍ୟ ସହାୟକ ଦାବିପତ୍ର ଗ୍ରହଣ କରିଛନ୍ତି। ଅବସରପ୍ରାପ୍ତ କର୍ମଚାରୀମାନେ ଧାରଣା ଦେବାକୁ ପ୍ରସ୍ତୁତି କରୁଥିବା ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଗତ ୮ ତାରିଖର ପ୍ରଶାସନ ଓ ଅବସରପ୍ରାପ୍ତ ଶ୍ରମିକଙ୍କୁ ନେଇ ହୋଇଥିବା ବୈଠକରେ ଯେଉଁ ନିଷ୍ପତ୍ତି ହୋଇଛି ତାହା ମ୍ୟାନେଜମେଣ୍ଟକୁ ସୁରକ୍ଷା ଦେବା ଭଳି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ସୂଚନାନୁଯାୟୀ, ଜୁନ୍ ୧୦ରୁ ଅବସରପ୍ରାପ୍ତ ଶ୍ରମିକମାନେ ପିଏଫ୍, ପେନ୍‌ସନ, ଗ୍ରାଚ୍ୟୁଇଟି, ବକେୟା ପାଉଣା ଆଦି ଦାବିରେ କାରଖାନା ଗେଟ୍ ପାର୍ଶ୍ୱରେ ପୁନର୍ବାର ଧାରଣା ଦେବେ ବୋଲି ୩ ତାରିଖରେ ମ୍ୟାନେଜମେଣ୍ଟକୁ ନୋଟିସ ଦେଇଥିଲେ। ଜୟପୁର ଉପଜିଲାପାଳ ୮ ତାରିଖରେ ମିଟିଂ ଡକାଇଥିଲେ। ବିଟିଏ ଉପରେ ଆଲୋଚନା ହେବା ଯୋଗ୍ୟ ବୋଲି ଜେଏଲ୍‌ସି ମଧ ଏକ ଚିଠି ୪ ଏପ୍ରିଲରେ ମ୍ୟାନେଜମେଣ୍ଟକୁ ଲେଖିଥିଲେ। ଏଣୁ ବିଟିଏ ଆଧାରରେ ଫଇସଲାକରି ପିଏଫ୍, ପେନ୍‌ସନ ସମସ୍ୟା ସମାଧାନ କରିବା ପାଇଁ ଶ୍ରମିକ ପ୍ରତିନିଧିମାନେ ବୈଠକରେ ଦାବି କରିଥିଲେ। ଏସବୁ ସମସ୍ୟା ସମାଧାନ ପାଇଁ ମ୍ୟାନେଜମେଣ୍ଟକୁ ପ୍ରଶାସନ କହିଥିଲେ। ଶ୍ରମିକଙ୍କ ସବୁ ସମସ୍ୟା ସମାଧାନ ପାଇଁ ମ୍ୟାନେଜମେଣ୍ଟ ଓ ଶ୍ରମ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମିଟିଂର ପ୍ରୋସିଡିଂରେ ଉଲ୍ଲେଖ ରହିଛି ଯେ ଶ୍ରମିକମାନେ ଇପିଏଫ୍ ଟଙ୍କା ଓ ପେନ୍‌ସନ ପାଇବା ପାଇଁ ମ୍ୟାନେଜମେଣ୍ଟ ସୁବିଧା କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଅସଲ ପିଏଫ୍ ସମସ୍ୟା ସମାଧାନ ପାଇଁ କିଛି ଲେଖାଯାଇ ନାହିଁ। ତେଣୁ ଏହା ବିରୋଧରେ ଅବସରପ୍ରାପ୍ତ ଶ୍ରମିକଙ୍କ ପକ୍ଷରୁ ଏକ ଦାବିପତ୍ର ଜୟପୁର ଉପଜିଲାପାଳ ଓ ଯୁଗ୍ମ ଶ୍ରମ କମିଶନରଙ୍କୁ ଦିଆଯାଇଛି। ଦାବିପତ୍ର ପ୍ରଦାନବେଳେ ଆବାହକ ପ୍ରମୋଦ ମହାନ୍ତି, ଭି. ରବିକୁମାର, ବସନ୍ତ ବେହେରା, ସୁଦର୍ଶନ ବିଷୋୟୀ, ପ୍ରହ୍ଲାଦ ମଲ୍ଲିକ, ଯୁଧିଷ୍ଠିର ସ୍ୱାଇଁ, କାର୍ତ୍ତିକ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ନିଶା ପାଇଁ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ

ପାପଡ଼ାହାଣ୍ଡି,୧୧।୬
(ସ୍ୱପ୍ନଜିତ ପଟ୍ଟନାୟକ)

**ବେକ କାଟିଲେ ଯୁବକ**


ଗୁରୁତର ଗଙ୍ଗାଧରଙ୍କ ଚିକିତ୍ସା ଚାଲିଛି ।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଜଟାବାଲ ପଞ୍ଚାୟତ ଜାମ୍ବଗୁଡ଼ାରେ ମଦ ପାଇଁ ଜଣେ ଯୁବକ ଅନ୍ୟ ଜଣେ ଯୁବକଙ୍କ ବେକ କାଟିଥିବା ଅଭିଯୋଗ ହୋଇଛି। ଗୁରୁତର ଯୁବକଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେ ହେଲେ ଜାମ୍ବଗୁଡ଼ା ଗ୍ରାମର ଗଙ୍ଗାଧର ଯାନୀ।

ସୂଚନାନୁଯାୟୀ ଡାବୁଗାଁ ଥାନା ଅଧୀନ ଜାମ୍ବଗୁଡ଼ା ଗ୍ରାମର ଗଙ୍ଗାଧର ଯାନୀ ମଙ୍ଗଳବାର ସନ୍ଧ୍ୟାରେ ଠାକୁରାଣୀ ଯାତ୍ରା ଦେଖିବାକୁ ଡୁମାଗୁଡ଼ି ପାଖବକୁ ଯାଇଥିଲେ। ରାତି ପ୍ରାୟ ୮ଟାରେ ଘରକୁ ଫେରିବା ସମୟରେ ଡୁମାଗୁଡ଼ି ନିକଟରେ ଗ୍ରାମର ନବୀନ ଗୌଡ଼ ଗଙ୍ଗାଧରଙ୍କୁ ଅଟକାଇ ଥିଲେ। ନବୀନ ତାଙ୍କୁ ମଦ ଦେବାକୁ ବାଧ କରିଥିଲେ। ଏଥିରେ ଗଙ୍ଗାଧର ରାଜି ହୋଇଥିଲେ। ତଥାପି ମଧ ନବୀନ ଏକ ଧାରୁଆ ଅସ୍ତ୍ରରେ ଗଙ୍ଗାଧରଙ୍କ ବେକ କାଟିଦେଇଥିଲେ। ନିଜ ଜୀବନ ବଞ୍ଚାଇବାକୁ ଗଙ୍ଗାଧର ଘଟଣାସ୍ଥଳରୁ ଦୌଡ଼ି ଦୌଡ଼ି ନିଜ ଘରେ ପହଞ୍ଚି ଥିଲେ। ସେ ସେଠାରେ ଅଚେତ ହୋଇ ପଡ଼ିଥିଲେ। ପରିବାର ଲୋକ ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଏକ ଗାଡ଼ିରେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଗଙ୍ଗାଧର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡା. ମନସ୍ମିତା ମହାନ୍ତି ସୂଚନା ଦେଇଛନ୍ତି। ଖବର ଲେଖାଯିବା ସୁଦ୍ଧା ଡାବୁଗାଁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# କୋରାପୁଟରେ କାଳବୈଶାଖୀ ବର୍ଷା

କୋରାପୁଟ,୧୧।୬
(ଅମିତାଭ ବେହେରା)

କୋରାପୁଟରେ ମଙ୍ଗଳବାର ରାତ୍ର ୯ଟାରୁ କାଳ ବୈଶାଖୀ ବର୍ଷା ଆରମ୍ଭ ହୋଇଛି। ଏଥିଯୋଗୁ କୋରାପୁଟରେ ମୌସୁମୀ ଆଗମନ ନେଇ ଅନୁକୂଳ ହୋଇଥିବା ଜିଲା ଜରୁରୀ ବିଭାଗର ଅଧିକାରୀ ପ୍ରକାଶ କୁମାର ସାମଲ ପ୍ରକାଶ କରିଛନ୍ତି। କୋରାପୁଟରେ ବିଜୁଳି ସାଙ୍ଗକୁ ପ୍ରବଳ ଘଡଘଡ଼ି ବର୍ଷା ଜାରି ରହିଛି। ଏଥିଯୋଗୁ କୋରାପୁଟ ସହର ଅନ୍ଧାରରେ ରହିଛି। ସୂଚନାନୁଯ୍ରୀ, ୪ ଦିନ ପୂର୍ବରୁ ରାଜ୍ୟର ମାଲକାନଗିରି ଜିଲାରେ ମୌସୁମୀ ପହଞ୍ଚି ସାରିଛି। ମଙ୍ଗଳବାର କୋରାପୁଟରେ ହୋଇଥିବା ଏହି କାଳ ବୈଶାଖୀ ବର୍ଷାରେ ମୌସୁମୀ ଜିଲାକୁ ଆସିବା ନେଇ ପାଗ ଅନୁକୂଳ ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି।

# ସିଦ୍ଧେଶ୍ୱର ମନ୍ଦିରରେ ଦେବ ଦମ୍ପତିଙ୍କ ବିବାହ

ଦାମନଯୋଡି,୧୧।୬ (ମାନସ ରଞ୍ଜନ କର)

ଶୀତଳଷଷ୍ଠୀ ଅବସରରେ କୋରାପୁଟ ଜିଲା ଦାମନଯୋଡି ଉପକଣ୍ଠସ୍ଥ ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ଶିବ ବିବାହ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ଦୈନନ୍ଦିନ ନୀତିକାନ୍ତି ପରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସକାଳୁ ସୂର୍ଯ୍ୟପୂଜା ପରେ ମହାଦେବଙ୍କୁ ଘୃତ, ଲବଣୀ, ପଞ୍ଚାମୃତ ଆଦିରେ ଘର୍ଷଣ, ମାର୍ଜନା ଏବଂ ମହାସ୍ନାନ ଆଦି ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ନରେ ଦିଅଁ ମଙ୍ଗୁଳା ସହ ହରପାର୍ବତୀଙ୍କୁ ଶୃଙ୍ଗାର ବେଶ କରାଯାଇ ବିବାହ ମଣ୍ଡପରେ ବିଜେ କରାଯାଇଥିଲା। ଦେବଦମ୍ପତିଙ୍କ ପାରମ୍ପରିକ ବିବାହ ସହ ହୋମଯଜ୍ଞ, ପୂର୍ଣ୍ଣାହୁତି, ଆରତୀ ପରେ ମନ୍ଦିର ବେଢ଼ା ପରିକ୍ରମା କରାଯାଇ ଦେବଦେବ ମହାଦେବ ଓ ମାତା ପାର୍ବତୀଙ୍କୁ ସସ୍ଥାନେ ବିଜେ କରାଯାଇଥିଲା। ଏହି ଉତ୍ସବରେ ମନ୍ଦିର ପୂଜକ ଦେବେନ୍ଦ୍ର ନାଥ ଦାଶ, ସନ୍ତୋଷ କୁମାର ଦାଶ ଓ ମାନସ କୁମାର ଦାଶ ସମସ୍ତ ପୂଜାନୀତି ସମ୍ପାଦନ କରିଥିଲେ। ମାଥାଲପୁଟ ଓ ଭେଜାପୁଟ ସଂକୀର୍ତ୍ତନ ଦଳ ଭଜନ, ଜଣାଣ, ନାମ ସଙ୍କୀର୍ତ୍ତନ କରିଥିଲେ। ଉତ୍ସବରେ ସ୍ଥାନୀୟ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ମନ୍ଦିର କମିଟି ତରଫରୁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା।

ମନ୍ଦିର ପରିଚାଳନା କମିଟି ସଭାପତି ସରୋଜ କୁମାର ସ୍ୱାଇଁ, ହରିବନ୍ଧୁ ବିଶ୍ୱାଳ, ସୋମନାଥ ସାମନ୍ତରାୟ,ସୌଭାଗ୍ୟ ବସ୍ତିଆ, ପ୍ରଭୁଚରଣ ସାହୁ, ଉପେନ୍ଦ୍ର ପାଣିଗ୍ରାହୀ, ଶ୍ରୀଚରଣ ପଢିଆରୀ, ବିପିନ ବିହାରୀ ପଣ୍ଡା, ମନ୍ଦିର କମିଟି ସଦସ୍ୟ, ସିଦ୍ଧେଶ୍ୱର ବଣିକ ସଂଘ ଏବଂ ଗ୍ରାମବାସୀମାନେ ମିଳିତ ଭାବେ ଏହି ଉତ୍ସବ ପରିଚାଳନା କରିଥିଲେ।


ଦାମନଯୋଡି ଉପକଣ୍ଠ ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ଶିବ ବିବାହ ନୀତି କରାଯାଉଛି।

# ବରବେଶରେ ଯାଇ ପାର୍ବତୀଙ୍କୁ ବିବାହକଲେ ମହାଦେବ


ଦେବ ଦମ୍ପତି।


ପଞ୍ଚାନନ ଶୈବପୀଠରେ ଶିବ ବିବାହ ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ଭିଡ଼।

ଜୟପୁର,୧୧।୬(ପବନ ପାଣିଗ୍ରାହୀ)

- ପଞ୍ଚାନନ ଶୈବପୀଠରେ ଦେବ ଦମ୍ପତିଙ୍କ ବିବାହ
- ବାଜା, ଶଙ୍ଖ , ହୁଳହୁଳିରେ କମ୍ପିଲା ସହର

କୋରାପୁଟ ଜିଲା ଜୟପୁର ରାଜୁ ସାହି ପଞ୍ଚାନନ ଶୈବପୀଠ, ଅଷ୍ଟଶମ୍ଭୁ କ୍ଷେତ୍ରରେ ଶିବ ବିବାହ ଓ ଶୀତଳ ଷଷ୍ଠୀ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ପରମ୍ପରା ଅନୁସାରେ ପ୍ରଥମେ ମଙ୍ଗଳନ ଓ ପଞ୍ଚଦେବତା ପୂଜା ପରେ ଗୋଧୂଳି ଲଗ୍ନରେ ବିବାହ କାଯ୍ୟ ସମ୍ପନ୍ନ ହୋଇଥିଲା। ବର ମାତା ପିତା ଭାବେ ବର୍ଷା ମହାପାତ୍ର ଓ ବିଜୟ ମହାପାତ୍ର, କନ୍ୟା ମାତା ପିତାଭାବେ ଲତା ପାତ୍ର ଓ ଶ୍ରୀନିବାସ ପାତ୍ର ଉପସ୍ଥିତ ରହି ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ।

ମହାଦେବ ବାବା ବୈଦ୍ୟନାଥ ମନ୍ଦିରରୁ ବିରାଟ ପଟୁଆରରେ ବରଯାତ୍ରୀ ଧରି କୁଞ୍ଜବିହାରୀ ମନ୍ଦିରରେ ପହଞ୍ଚିଥିଲେ। ସେଠାରୁ ମନ୍ଦିରକୁ ନିଆଯାଇ ସେଠାରେ ତାଙ୍କ ବାଟବରଣ କରାଯାଇଥିଲା। ବାଟବରଣ ପରେ ବେଦିକୁ ନିଆଯାଇ ବିବାହ କାଯ୍ୟ ଆରମ୍ଭ ହୋଇଥିଲା। ବାଜା, ଶଙ୍ଖ, ହୁଳହୁଳିରେ ମନ୍ଦିର ମୁଖରିତ ହୋଇ ପଡିଥିଲା। ପଞ୍ଚାନନ ଶୈବପୀଠରେ ସୋମବାର ମଙ୍ଗଳକୃତ୍ୟ ଅନୁଷ୍ଠିତ ହୋଇଥିବା ବେଳେ ମଙ୍ଗଳବାର ଶିବ ବିବାହ ଓ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟ ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା। ବୁଧବାର ଶୀତଳଷଷ୍ଠୀ ଓ ବିଶ୍ୱଶାନ୍ତି ଘୃତଯଜ୍ଞ ପ୍ରସାଦ ସେବନ ବ୍ୟବସ୍ଥା ରହିଛି। ସନ୍ଧ୍ୟା ୭ଟାରେ ପଞ୍ଚାନନ ମନ୍ଦିରରୁ ହଟକେଶ୍ୱର ମନ୍ଦିର ପଯ୍ୟନ୍ତ ଉମା ମହେଶ୍ୱରଙ୍କର ନଗର ପରିକ୍ରମା କରାଯିବ। କାଯ୍ୟକ୍ରମରେ ପୂଜା କମିଟି ସଦସ୍ୟଙ୍କ ସହ ମନ୍ଦିରର ମୁଖ୍ୟ ପୂଜକ ହରି ତ୍ରିପାଠୀ ଓ ସହରବାସୀ ଉପସ୍ଥିତ ଥିଲେ। କମିଟିର ନବକୃଷ୍ଣ ରଥ, ଭାରତ ପଟ୍ଟନାୟକ, ଜଗନ୍ନାଥ ମିଶ୍ର, ଦୁର୍ଗା ପ୍ରସାଦ ମିଶ୍ର, ଭଗପତି ଗୌଡ଼, ଶ୍ୟାମଳ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ସହରର ପୁରୁଣାଗଡ଼ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର, ମହାତ୍ମା ଗାନ୍ଧୀ ରୋଡ୍‌ସ୍ଥିତ ହଟକେଶ୍ୱର ମନ୍ଦିରରେ ମଧ ଶିବ ବିବାହ ଅନୁଷ୍ଠିତ ହୋଇଛି। ମନ୍ଦିରରେ ବିବାହ ସମୟରେ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ। ଦେବୋତ୍ତର ବିଭାଗ ପକ୍ଷରୁ ମନ୍ଦିରଗୁଡ଼ିକରେ ସମସ୍ତ ବ୍ୟବସ୍ଥା କରାଯାଇଛି।

